# NATIONAL NEWS BULLETIN (ODIA)

## 25 December - 2024

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ପାଞ୍ଚଟି ରାଜ୍ୟର ନୂତନ ରାଜ୍ୟପାଳଙ୍କୁ ନିଯୁକ୍ତ କଲେ ରାଷ୍ଟ୍ରପତି ।
- ଦେଶବ୍ୟାପି ଆଜି ପାଳନ କରାଯାଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଏକଶତତମ ଜନ୍ମ ବାର୍ଷିକୀ ।
- ମଧ୍ୟପ୍ରଦେଶର ଖଜୁରାହୋ ଠାରେ ଆଜି ଦେଶର ପ୍ରଥମ ନଦୀ ଆନ୍ତଃ ସଂଯୋଗୀକରଣ ପ୍ରକଳ୍ପ ସମେତ ଅନ୍ୟାନ୍ୟ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ଦିବସ ଅବସରରେ ଆଜି ବିଶ୍ୱବ୍ୟାପି ପାଳନ କରାଯାଉଛି ଖ୍ରୀଷ୍ଟମାସ ପର୍ବ ।

ଏବଂ

- ଭାରତ-ୱେଷ୍ଟଇଣ୍ଡିଜ୍ ମହିଳା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୧୧୫ରନ୍‌ରେ ବିଜୟୀ ହୋଇ ଭାରତ ୨-୦ରେ ସିରିଜ୍ ଅଗ୍ରଣୀ ।

# ରାଷ୍ଟ୍ରପତି-ରାଜ୍ୟପାଳ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାଞ୍ଚଟି ରାଜ୍ୟର ନୂତନ ରାଜ୍ୟପାଳ ନିଯୁକ୍ତ କରିଛନ୍ତି । ମିଜୋରାମର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଛନ୍ତି । ଓଡ଼ିଶାର ବର୍ତ୍ତମାନର ରାଜ୍ୟପାଳ ରଘୁବର ଦାସ ନିଜ ପଦବୀରୁ ଇସ୍ତଫା ଦେବା ପରେ ରାଷ୍ଟ୍ରପତି ଏହି ପଦକ୍ଷେପ ନେଇଛନ୍ତି । ସେହିଭଳି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜେନେରାଲ୍ ବିଜୟ କୁମାର ସିଂହଙ୍କୁ ମିଜୋରାମର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି । ଏହାଛଡ଼ା ବିହାରର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ କେରଳ ରାଜ୍ୟପାଳ ଭାବେ ଏବଂ ପୂର୍ବତନ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲାଙ୍କୁ ମଣିପୁର ରାଜ୍ୟପାଳ ଭାବେ ରାଷ୍ଟ୍ରପତି ନିଯୁକ୍ତ କରିଛନ୍ତି । ସେହିଭଳି ଅରିଫ ମହମ୍ମଦ ଖାନ୍ ବିହାରର ନୂତନ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି ।

# ଅଟଳବିହାର ବାଜପେୟୀ

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଏକ ଶତତମ ଜନ୍ମ ବାର୍ଷିକୀ ଆଜି ଦେଶବ୍ୟାପି ପାଳନ କରାଯାଉଛି । ଆଜିର ଦିନଟି ସୁ-ଶାସନ ଦିବସ ରୂପେ ମଧ୍ୟ ପାଳିତ ହେଉଛି । ନୂଆଦିଲ୍ଲୀ ସ୍ଥିତ ଏହି ମହାନ ନେତାଙ୍କ ସମାଧି ସ୍ଥଳ 'ସଦୈବ ଅଟଳ'

ନିକଟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପାର୍ଘ୍ୟ ଅର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ ।

ଆମ ସମ୍ବାଦଦାତାଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ – ୧୯୨୪ ମସିହା ଆଜିର ଦିନରେ ଏହି ମହାନ ନେତା ଗ୍ୱାଲିୟର୍ ଠାରେ ଜନ୍ମ ଗ୍ରହଣ କରିଥିଲେ । ଅଟଳ ବିହାରୀ ବାଜପେୟୀ ରାଜନୀତିଜ୍ଞ ବ୍ୟତୀତ ଏକାଧାରାରେ ଜଣେ ବିଶିଷ୍ଟ ଲେଖକ, କବି, ସାମାଜିକ କର୍ମୀ ଓ ସାମ୍ବାଦିକ ମଧ୍ୟ ଥିଲେ । ସେ ତିନିଥର ଭାରତର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କର ପ୍ରଧାନମନ୍ତ୍ରୀ ସମୟରେ ଦେଶର ଅର୍ଥନୈତିକ ନୀତିକୁ ସଶକ୍ତ କରାଯିବା ସହିତ ମୌଳିକଢାଞ୍ଚାଗତ ପ୍ରକଳ୍ପ ଗୁଡ଼ିକ ସମେତ ଜାତୀୟ ରାଜପଥ ଏବଂ ଗ୍ରାମାଞ୍ଚଳର ସଡ଼କପଥର ଅନେକ ବିକାଶ ହୋଇପାରିଥିଲା । ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଭାରତ ସଫଳତାର ସହ ‘ପୋଖରାନ-୨’ ପରମାଣୁ ପରୀକ୍ଷା କରିବା ପରେ ୧୯୯୮ ମସିହାରେ ଏକ ପରମାଣୁ ଶକ୍ତିସମ୍ପନ୍ନ ଦେଶ ଭାବେ ନିଜକୁ ଗଢ଼ିତୋଳିଥିଲା । ପ୍ରାୟ ୪୦ ବର୍ଷ ଧରି ସେ ବିଭିନ୍ନ ପଦପଦବୀରେ ରହି ସଂସଦରେ ନିଜ ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି । ଭାରତର ବୈଦେଶିକ ମନ୍ତ୍ରୀ ଭାବେ ଅଟଳ ବିହାରୀ ବାଜପେୟୀ ୧୯୭୭ ମସିହାରେ ପ୍ରଥମଥର ଲାଗି ମିଳିତ ଜାତିସଂଘ ଇତିହାସରେ ହିନ୍ଦୀ ଭାଷାରେ ନିଜର ଅଭି-ଭାଷଣ ପ୍ରଦାନ କରିଥିଲେ । ଉତ୍ସର୍ଗୀକୃତ ତଥା ତ୍ୟାଗପୁତ ଜୀବନାଦର୍ଶ ଓ ଦେଶ ସେବା ଲାଗି ୨୦୧୫ ମସିହାରେ ତାଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ‘ଭାରତ

ରତ୍ନ'ରେ ସମ୍ମାନିତ କରାଯାଇଥିଲା । ଭାରତୀୟ ଜନତା ପାର୍ଟିର ଏହି ମହାନ ନେତା ୨୦୧୮ ମସିହା ଅଗଷ୍ଟ ୧୬ ତାରିଖ ଦିନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

## ପିଏମ୍-ମଧ୍ୟପ୍ରଦେଶ

ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମଧ୍ୟପ୍ରଦେଶ ଗସ୍ତ କରି ଖଜୁରାହୋ ଠାରେ କେତେକ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଶ୍ରୀ ମୋଦୀ ଏହି ଅବସରରେ ଦେଶର ପ୍ରଥମ ନଦୀ ଆନ୍ତଃ ସଂଯୋଗୀକରଣ ପ୍ରକଳ୍ପ ଅଧୀନରେ କେନ୍ ଓ ବେଟୁଓ୍ୱା ନଦୀ ସଂଯୋଗ ଲାଗି ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପ ମାଧ୍ୟମରେ ମଧ୍ୟପ୍ରଦେଶର ବିଭିନ୍ନ ଜିଲ୍ଲାରେ ଥିବା ୮ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ପରିମିତ ଚାଷ ଜମିକୁ ଜଳସେଚିତ କରାଯାଇପାରିବ । ଏଥିସହିତ ରାଜ୍ୟର ୧୦ଟି ଜିଲ୍ଲାରେ ପ୍ରାୟ ୪୪ ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଣ ମଧ୍ୟ କରାଯାଇପାରିବ । ଏହାଦ୍ୱାରା ମଧ୍ୟପ୍ରଦେଶର ୧୦ଟି ଜିଲ୍ଲା ଅନ୍ତର୍ଗତ ୨ହଜାର ଗ୍ରାମର ୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପରିବାର ଉପକୃତ ହେବେ । ଏତଦ୍‌ବ୍ୟତୀତ ଏହି ପ୍ରକଳ୍ପ ମାଧ୍ୟମରେ ୧୦୩ ମେଗାଓ୍ୱାଟ୍ ଜଳବିଦ୍ୟୁତ୍ ଓ ୨୭ ମେଗାଓ୍ୱାଟ୍ ସୌରଶକ୍ତି ଉତ୍ପାଦନ ହୋଇପାରିବ ବୋଲି ଜଣାଯାଇଛି ।

ଏଠାରେ ସୂଚନା ଦିଆଯାଇପାରେ ୨୦୨୧ ମସିହା ମାର୍ଚ୍ଚ ୨୨ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଉପସ୍ଥିତିରେ ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ମଧ୍ୟରେ ଏହି କେନ୍-ବେଟୱା ସଂଯୋଗୀକରଣ ଜାତୀୟ ପ୍ରକଳ୍ପ ଲାଗି ତ୍ରିପକ୍ଷିୟ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଏଥିଲାଗି ୪୪ ହଜାର ୬୦୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ପ୍ରକଳ୍ପର ୯୦ ପ୍ରତିଶତ ଅର୍ଥ କେନ୍ଦ୍ର ସରକାର ଏବଂ ବାକି ୧୦ ପ୍ରତିଶତ ସମ୍ପୃକ୍ତ ରାଜ୍ୟସରକାର ମାନେ ବହନ କରିବେ ।

ଏହି ସମାରୋହରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏକ ଶତତମ ଜନ୍ମ ବାର୍ଷିକୀ ଅବସରରେ ସ୍ମାରକୀ ଡାକ ଟିକଟ ଓ ମୁଦ୍ରା ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି । ଏତଦ୍ ବ୍ୟତୀତ ଶ୍ରୀ ମୋଦୀ ୧ହଜାର ୧୫୩ ଅଟଳ ଗ୍ରାମ ସୁ-ଶାସନ ଅଟ୍ଟାଳିକା ଲାଗି ଶିଳାନ୍ୟାସ କରିବେ । ସୁ-ଶାସନର ସୁଫଳ  ପଞ୍ଚାୟତ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ  ଏହି ଅଟ୍ଟାଳିକା ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବେ ।

## ଭିପି-ତେଲଙ୍ଗାନା

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜିଠାରୁ ୨ ଦିନିଆ ତେଲଙ୍ଗାନା ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଶ୍ରୀ ଧନଖଡ଼ ମେଦାକ ଓ ହାଇଦ୍ରାବାଦ୍ ଗସ୍ତ କରିବେ । ତୁନିକି ସ୍ଥିତ ଭାରତୀୟ କୃଷି ଗବେଷଣା

ପରିଷଦର  କୃଷି ବିଜ୍ଞାନ କେନ୍ଦ୍ର ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରାକୃତିକ ଏବଂ ଜୈବିକ କୃଷକ ସମ୍ମିଳନୀରେ ଉପରାଷ୍ଟ୍ରପତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ଶାହା-ଏଗ୍ରିକଲଚର୍

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀ ଠାରେ ୧୦ ହଜାରରୁ ଊର୍ଦ୍ଧ୍ୱ ନୂତନ ଭାବେ ଗଠନ କରାଯାଇଥିବା ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଏବଂ ଦୁଗ୍ଧ ଓ ମତ୍ସ୍ୟ ସମବାୟ ସମିତି ଗୁଡ଼ିକୁ ଲୋକାର୍ପଣ କରିବେ । ଏହି ଅବସରରେ ଶ୍ରୀ ଶାହା ନୂତନ ଭାବେ ଗଠନ କରାଯାଇଥିବା ସମବାୟ ସମିତିଗୁଡ଼ିକୁ ପଞ୍ଜିକରଣ ପ୍ରମାଣପତ୍ର ଓ ରୁପେ କିଶାନ କ୍ରେଡିଟ୍ କାର୍ଡ ବଣ୍ଟନ କରିବେ । ଗ୍ରାମାଞ୍ଚଳରେ ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ସଶକ୍ତ କରିବା ସହିତ ପଞ୍ଚାୟତ ଗୁଡ଼ିକୁ ଏଥିରେ ସାମିଲ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି । ଏହାଦ୍ୱାରା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକରୁ ଗ୍ରାମାଞ୍ଚଳର ଜନସାଧାରଣ ଉପକୃତ ହୋଇପାରିବା ସହ ଦେଶର ଆର୍ଥିକ ପ୍ରଗତିରେ ଅଧିକରୁ ଅଧିକ ମାତ୍ରାରେ ଅଂଶଗ୍ରହଣ କରିପାରିବେ ।

# ଖ୍ରୀଷ୍ଟମାସ ପର୍ବ

ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ଦିବସ ଅବସରରେ ଆଜି ବିଶ୍ୱବ୍ୟାପି ଖ୍ରୀଷ୍ଟମାସ ପର୍ବ ପାଳନ କରାଯାଉଛି । ଦେଶରେ ଖ୍ରୀଷ୍ଟ ସମ୍ପ୍ରଦାୟ ବ୍ୟକ୍ତିମାନେ ନିଜ ଘରକୁ ପରମ୍ପରିକ ମତେ ସଜାଇଛନ୍ତି । ଏହି ଅବସରରେ ବେଥଲେହାମ୍ ସ୍ଥିତ ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ସ୍ଥାନରେ ପାରମ୍ପରିକ ମତେ ଖ୍ରୀଷ୍ଟ୍‌ମାସ ପର୍ବ ପାଳନ କରାଯାଇଛି । ତେବେ ଗାଜାରେ ଯୁଦ୍ଧ ସ୍ଥିତି ଲାଗି ରହିଥିବାରୁ ଚଳିତ ଥର ଏହି ପର୍ବ ସେଠାରେ ଜାକଜମକରେ ପାଳନ କରାଯାଇ ନଥିବା ଜଣାଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଖ୍ରୀଷ୍ଟମାସ ଅବସରରେ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏ ସମ୍ପର୍କରେ ବାର୍ତ୍ତା ଦେଇ ରାଷ୍ଟ୍ରପତି ଆମ ଦୈନନ୍ଦିନ ଜୀବନରେ ଯୀଶୁଖ୍ରୀଷ୍ଟଙ୍କର ପ୍ରେମ ଓ ସଦ୍‌ଭାବର ବାର୍ତ୍ତାକୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏକ ଉତ୍ତମ ବିଶ୍ୱ ଗଠନ ଦିଗରେ ଯୀଶୁଙ୍କର ପ୍ରଦର୍ଶିତ ଭାତୃତ୍ୱ ଓ କଲ୍ୟାଣକାରୀ ପଥ ସର୍ବଦା ପ୍ରେରଣା ଯୋଗାଇବ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ସେହିଭଳି ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ଖ୍ରୀଷ୍ଟମାସ ପର୍ବକୁ ଆଶା, କରୁଣା ଓ ଏକତାର ପ୍ରତିକ ଭାବେ ଦର୍ଶାଇଛନ୍ତି । ଯୀଶୁଖ୍ରୀଷ୍ଟଙ୍କର ଉପଦେଶ ଜନସାଧାରଣଙ୍କ ମଧ୍ୟରେ ଆପୋଷ ସମ୍ମାନ, ବିଶ୍ୱାସ ତଥା ସହାନୁଭୂତିକୁ ଅଧିକ ସଶକ୍ତ କରିପାରିବ ବୋଲି ସେ କହିଛନ୍ତି ।

## ଜେକେ-ଆକ୍ସିଡେଣ୍ଟ

ଜାମ୍ମୁ କାଶ୍ମୀରର ପୁଞ୍ଛ ଜିଲ୍ଲା ଅନ୍ତର୍ଗତ ଘୋଡା ପୋଷ୍ଟ ନିକଟରେ ଭାରତୀୟ ସେନାର ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ଜଣ ସୈନିକଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାଯାଇଛି ।

ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ସେନାର ସମ୍ପୃକ୍ତ ଗାଡ଼ିଟି ନିୟନ୍ତ୍ରଣ ହରାଇବା ଫଳରେ ନିକଟସ୍ଥ ଏକ ଖାଇ ମଧ୍ୟକୁ ଖସିପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି ।

## ମୋଲଡଭା-ରାଷ୍ଟ୍ରପତି

ମାୟା ସାନ୍ଦୁ ଦ୍ୱିତୀୟ ଥର ଲାଗି ମୋଲଡଭାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତ ନଭେମ୍ବର ମାସରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ସେ ବିଜୟ ଲାଭ କରିଛନ୍ତି । ଶ୍ରୀମତୀ ସାନ୍ଦୁଙ୍କର ଜାତୀୟ ସୁରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ନୀତି ଜନସାଧାରଣଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇଥିବା ବେଳେ ଦେଶର ବିକାଶ ଦିଗରେ ପ୍ରତ୍ୟେକ

ନାଗରିକଙ୍କର ସକ୍ରିୟ ଅଂଶଗ୍ରହଣ ଉପରେ ସେ ସର୍ବଦା ଗୁରୁତ୍ୱାରୋପ କରିଆସିଛନ୍ତି ।

# କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ମହିଳା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ଦଳ ୧୧୫ରନ୍‌ରେ ବିଜୟୀ ହୋଇଛି । ଗତକାଲି ସନ୍ଧ୍ୟାରେ ଭଦୋଦାରାର କୋଟାମ୍ବି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୫ ୱିକେଟ୍ ହରାଇ ୩୫୮ରନ୍ କରିଥିଲା । ଦଳ ପକ୍ଷରୁ ହାର୍ଲିନ୍ ଦେଓ୍ୱଲ୍ ୧୦୩ଟି ବଲ୍‌ରୁ ୧୧୫ରନ୍ କରିଥିବା ବେଳେ ସ୍ମିତି ମାନ୍ଧାନା, ପର୍ତିକା ରାଓ୍ୱଲ ଓ ଜେମିମାହା ରୋଡ୍ରିକ୍ସ ପ୍ରତ୍ୟେକ ଅର୍ଦ୍ଧଶତକ ହାସଲ କରିଛନ୍ତି । ୩୫୯ରନ୍ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ୍ ଦଳ ୪୬ ଓଭର ୨ଟି ବଲ୍‌ରେ ୨୪୩ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲେ । ଭାରତ ପକ୍ଷରୁ ପ୍ରିୟା ମିଶ୍ର ତିନୋଟି ୱିକେଟ୍ ନେଇଥିବା ବେଳେ ଦୀପ୍ତି ଶର୍ମା, ପର୍ତିକା ରାଓ୍ୱଲ ଓ ତିତାଶ ସାଧୁ ୨ଟି ଲେଖାଏଁ ୱିକେଟ୍ ନେଇଛନ୍ତି । ହାର୍ଲିନ୍ ଦେଓ୍ୱଲଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଛି । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ମଧ୍ୟ ଭାରତ ୱେଷ୍ଟଇଣ୍ଡିଜ୍‌କୁ ୨୧୧ରନ୍‌ରେ ପରାସ୍ତ କରି ୨-୦ରେ ଏହି ସିରିଜ୍ ଆଗୁଆ ରହିଛି । ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ଶୁକ୍ରବାର ଭଦୋଦରାରେ ଖେଳାଯିବ ।